# ODM PUBLIC SCHOOL

ODM EDUCATIONAL GROUP
Changing your Tomorrow

**CLASS :3**
**SUBJECT : ODIA**
**CHAPTER NUMBER: 07**
**CHAPTER NAME : ଆସ ବୁଲିଯିବା ଭଟ୍‌ଟାରିକା**
**SUBTOPIC : ଶବ୍ଦାବଳୀ ଓ ବ୍ୟାକରଣ**

# ଆସ ବୁଲିଯିବା ଭଟ୍ଟାରିକା




ODM
EDUCATIONAL GROUP
Changing your Tomorrow



ପାଠ - ୭

# ଆସ ବୁଲିଯିବା ଭଟ୍ଟାରିକା

ଦୁଷ୍ମନ୍ତ ବାବୁଙ୍କ ଘର ଆଠଗଡ଼ । ପାଖରେ ଭଟ୍ଟାରିକା ଠାକୁରାଣୀ ପୂଜା ପାଆନ୍ତି । ସେଥିପାଇଁ ଭଟ୍ଟାରିକା ବୁଲିଯିବା ପାଇଁ ସେ ଯୋଜନା କ[illegible] ଷ୍ମନ୍ତ

ODM EDUCATIONAL GROUP
Changing your Tomorrow





ବାବୁ ନାତିନାତୁଣୀଙ୍କ ସହ ବାହାରିଲେ । ଜିନିଷପତ୍ର ସଜାଡ଼ିଲେ । ଜେଜେଙ୍କର ଗ୍ରନ୍ଥ ନେବାକୁ ସେମାନେ ଭୁଲିଲେ ନାହିଁ ।

କାନ୍ଥଘଣ୍ଟାରେ ଚାରିଟା ବାଜିଲା । ଠିକ୍ ସମୟରେ ଗାଡ଼ି ଆସି ଅଟ୍ଟାଳିକା ଆଗରେ ରହିଲା । ସଭିଏଁ ଗାଡ଼ିରେ ବସିଲେ । ସାନପିଲାମାନେ ଜେଜେଙ୍କ ପାଖରେ ବସିବାକୁ ଜିଦ୍ କଲେ । ପାଟିତୁଣ୍ଡ ନ କରି ଶାନ୍ତିରେ ବସିବାକୁ ଜେଜେ କହିଲେ । ଗାଡ଼ି ମନ୍ଥର ଗତିରେ ଗାଁ ଦାଣ୍ଡରେ ଚାଲିଲା ।

ଜେଜେ ପିଲାଙ୍କୁ ପଚାରିଲେ, ''ଆରେ, ତୁମେ ସବୁ ଖାଇବ କ'ଣ'' ? ନାତୁଣୀ କହିଲା, ''ଜେଜେ ବାହାର ଜିନିଷ ଖାଇବା ନାହିଁ । ଫଳ ଆଣିଛୁ ।'' ଜେଜେ କହିଲେ, "ହଁ ହଁ ଫଳ ଖାଅ । ଦେହ ଭଲ ରହିବ । ବାହାର ଜିନିଷ ଖାଇଲେ ଦେହ ଖରାପ ହେବ ।" ଜେଜେ ପୁଣି କହିଲେ, "ଯଦି ଦରକାର

ହୁଏ ବାହାରୁ ତଟକା ତଟକା ଖାଦ୍ୟ ଖାଇବ । କିନ୍ତୁ ବେଶୀ ଖାଇବ ନାହିଁ । ଖାଇଲେ ଝାଡ଼ା, ବାନ୍ତି, ପେଟ ଗୋଳମାଳ ହୋଇପାରେ।”

ପିଲାଏ ପଚାରିଲେ, ତେବେ ନ ଖାଇଲେ କ’ଣ ହେବ ?

ଜେଜେ ଚଟାପଟ୍ କହିଲେ, ଭୋକ ହେବ, ହାଲିଆ ଲାଗିବ, ବୁଲିବାକୁ ମନ ହେବନାହିଁ । କାମ କରିବାକୁ ଭଲ ଲାଗିବନାହିଁ । ଦୁର୍ବଳ ଲାଗିବ । ତାପରେ ପିଲାମାନେ ଜେଜେଙ୍କୁ ଗପ କହିବାପାଇଁ ଅନୁରୋଧ କଲେ । ଜେଜେ କହିଲେ, ଘରେ କହିବି । ଏବେ ପଦ୍ୟାନ୍ତ କର । ପିଲାମାନେ ପଦ୍ୟାନ୍ତ କଲେ । ନିଜନିଜ ଭିତରେ ଅଛାତାମସା କଲେ । ପଦ୍ୟାନ୍ତ ଓ ଅଛାତାମସା ଭିତରେ ଗାଡ଼ି ଭଙ୍ଗାରିକାରେ ପହଂଚିଗଲା ।

ODM EDUCATIONAL GROUP
Changing your Tomorrow

# ଶବ୍ଦାବଳୀ

# ଅକ୍ଷର ଯୋଡି ଶବ୍ଦ ଗଢ



# ଶବ୍ଦାବଳୀ

# ଅକ୍ଷର ଯୋଡି ଶବ୍ଦ ଗଢ



# ପ୍ରଶ୍ନ ବାକ୍ୟରେ ପରିଣତ କର



ଏହା ଏକ କୁକୁରର ଛବି।

ଏହା ଏକ ଗୃହ ପାଳିତ ପଶୁ ଅଟେ ।

କୁକୁର ଆମ ଘର ଜଗେ ଓ ଅଜଣା ଲୋକଙ୍କୁ ଦେଖିଲେ ଭୁକେ।

ଦୁଷ୍ମନ୍ତ ବାବୁଙ୍କ ଘର ଆଠଗଡ ଠାରେ ଅବସ୍ଥିତ ।

ଦୁଷ୍ମନ୍ତ ବାବୁ ଭଟ୍ଟାରିକା ବୁଲିଯିବା ପାଇଁ ଯୋଜନା କଲେ ।

ଦୁଷ୍ମନ୍ତ ବାବୁ ନାତି ନାତୁଣୀମାନଙ୍କୁ ନେଇ ବୁଲି ବାହାରିଲେ ।

ଗାଡିଟି ମନ୍ଥର ଗତିରେ ଗାଁ ଦାଣ୍ଡରେ ଚାଲିଲା ।

ODM EDUCATIONAL GROUP

# ପ୍ରଶ୍ନ ବାକ୍ୟରେ ପରିଣତ କର



ଏହା ଏକ କୁକୁରର ଛବି।
ଏହା କାହାର ଛବି ଅଟେ ?

କୁକୁର ଆମର ଗୃହ ପାଳିତ ପଶୁ ଅଟେ ।
କିଏ ଆମର ଗୃହ ପାଳିତ ପଶୁ ଅଟେ ?

କୁକୁର ଆମ ଘର ଜଗେ ଓ ଅଜଣା ଲୋକଙ୍କୁ ଦେଖିଲେ ଭୁକେ।
କିଏ ଆମ ଘର ଜଗେ ଓ କାହାକୁ ଦେଖିଲେ ଭୁକେ ?

ODM EDUCATIONAL GROUP

# ପ୍ରଶ୍ନ ବାକ୍ୟରେ ପରିଣତ କର

ଦୁଷ୍ମନ୍ତ ବାବୁଙ୍କ ଘର ଆଠଗଡ଼ ଠାରେ ଅବସ୍ଥିତ ।

ଦୁଷ୍ମନ୍ତ ବାବୁଙ୍କ ଘର କେଉଁ ଠାରେ ଅବସ୍ଥିତ ?

ଦୁଷ୍ମନ୍ତ ବାବୁ ଭଟ୍ଟାରିକା ବୁଲିଯିବା ପାଇଁ ଯୋଜନା କଲେ ।

କିଏ ଭଟ୍ଟାରିକା ବୁଲିଯିବା ପାଇଁ ଯୋଜନା କଲେ ?

ଦୁଷ୍ମନ୍ତ ବାବୁ ନାତି ନାତୁଣୀମାନଙ୍କୁ ନେଇ ବୁଲି ବାହାରିଲେ ।

ଦୁଷ୍ମନ୍ତ ବାବୁ କେଉଁ ମାନଙ୍କୁ ନେଇ ବୁଲି ବାହାରିଲେ ?

ଗାଡିଟି ମନ୍ଥର ଗତିରେ ଗାଁ ଦାଣ୍ଡରେ ଚାଲିଲା ।

ODM EDUCATIONAL GROUP
Changing your Tomorrow

ଗାଡିଟି କିପରି ଗତିରେ ଗାଁ ଦାଣ୍ଡରେ ଚାଲିଲା ?

# ପ୍ରଶ୍ନ ବାକ୍ୟରେ ପରିଣତ କର ।

ପଥର ଖୋଲ ଭିତରେ ବାଘ ଓ ଭାଲୁ ରହୁଥିଲେ ।

କଙ୍କଡା ବେଙ୍ଗ ,କଇଁଛ, ମଗର ଓ ଚିଙ୍ଗୁଡି ଙ୍କୁ ଖବର ଦେଲା ।

ବିଜୟୀ ଦଳକୁ ଦର୍ପଣ  ପୁରସ୍କାର ଦିଆଗଲା ।

ଠେକୁଆଦଳ  ଛଅ □□କେଟରେ  ଖେଳ ଜିତିଲେ ।

ODM EDUCATIONAL GROUP
Changing your Tomorrow

# ପ୍ରଶ୍ନ ବାକ୍ୟରେ ପରିଣତ କର ।

ପଥର ଖୋଲ ଭିତରେ ବାଘ ଓ ଭାଲୁ ରହୁଥିଲେ ।

ପଥର ଖୋଲ ଭିତରେ କିଏ କିଏ ରହୁଥିଲେ ?

କଙ୍କଡା ବେଙ୍ଗ ,କଇଁଛ, ମଗର ଓ ଚିଙ୍ଗୁଡି ଙ୍କୁ ଖବର ଦେଲା ।

କଙ୍କଡା କାହାକୁ କାହାକୁ ଖବର ଦେଲା ?

ବିଜୟୀ ଦଳକୁ ଦର୍ପଣ ପୁରସ୍କାର ଦିଆଗଲା ।

ବିଜୟୀ ଦଳକୁ କଣ ପୁରସ୍କାର ଦିଆଗଲା ?

ଠେକୁଆଦଳ ଛଅ □□କେଟରେ ଖେଳ ଜିତିଲେ ।

କେଉଁ ଦଳ କେତେ □□କେଟରେ ଖେଳ ଜିତିଲେ ?

ODM EDUCATIONAL GROUP
Changing your Tommorrow

# ଗୃହକର୍ମ

## ଶ୍ରେଣୀ ଫର୍ଦ୍ଦଟିକୁ ମନେରଖ ।



ODM EDUCATIONAL GROUP

# ଲବ୍ଧ ଜ୍ଞାନର ଫଳାଫଳ-

ପିଲାମାନଙ୍କର  ଶ୍ରବଣ,କଥନ,ପଠନ ଓ ଲିଖନ ଶୈଳୀର ଅଭିବୃଦ୍ଧି ଘଟିବ |



ODM EDUCATIONAL GROUP

# THANKING YOU

# ODM EDUCATIONAL GROUP

EDUCATIONAL GROUP
Changing your Tomorrow